Largest Circulated Odia Daily
SAMBAD ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org



**ମିସ୍ ଇଣ୍ଡିଆ ସିନ୍ଦୁରା ଗଦେ ମିସ୍ ୱାର୍ଲ୍ଡ କଣ୍ଟେଷ୍ଟର ସେମିଫାଇନାଲରେ, ଭାରତ -ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ ଆରମ୍ଭ**

ତାରିଖ : ୧୨/୧୧/୨୦୦୫



## ପୂର୍ଣ୍ଣ ବିବରଣୀ

- ରାଷ୍ଟ୍ରପତି ଆସୁଛନ୍ତି, କିନ୍ତୁ ସେ ଯିବା ଭଳି ରାସ୍ତା କାହିଁ?

ବାଲେଶ୍ୱର, (ଇମିସ): ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା କୌଣସି କେନ୍ଦ୍ରମନ୍ତ୍ରୀ ଯେଉଁ ଅଞ୍ଚଳକୁ ଗସ୍ତରେ ଆସନ୍ତି, ଉକ୍ତ ଅଞ୍ଚଳର ନକ୍ସା ବଦଳି ଯାଏ। ରାସ୍ତାଘାଟ ସମେତ ବିଭିନ୍ନ ଭିତ୍ତିଭୂମି ଜନିତ ଅସୁବିଧାକୁ ଯୁଦ୍ଧକାଳୀନ ଗତିରେ ସଜଡ଼ା ହୋଇଥାଏ। ରାସ୍ତାର ଅବସ୍ଥା ଖରାପ ଥିଲେ ଏହା ମରାମତି ହୁଏ କିମ୍ବା ଆବଶ୍ୟକ ସ୍ଥଳେ ନୂତନ ରାସ୍ତା ନିର୍ମିତ ହୋଇଥାଏ। କିନ୍ତୁ ଚଳିତ ମାସ ଶେଷ ସପ୍ତାହରେ ଖୋଦ୍ ମହାମହିମ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ୍ କଲାମ୍ ବାଲେଶ୍ୱର ଗସ୍ତରେ ଅପାତତଃ ସ୍ଥିର ହୋଇଥିଲେ ହେଁ ସେ ଯେଉଁଯେଉଁ ରାସ୍ତାରେ ଯିବେ ତାହା ଅତି ଶୋଚନୀୟ ଅବସ୍ଥାରେ, ମରାମତି ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ନ ଯିବା ଅନେକଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କରୁଛି। ରାଷ୍ଟ୍ରପତି ବ୍ୟାସବିହାରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଲେ ମଧ୍ୟ ଚାନ୍ଦିପୁରସ୍ଥିତ ଆଇଟିଆରରେହିବାର ସମ୍ଭାବନା ଅଛି। ଯଦିଓ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇନାହିଁ ତେବେ ରାଷ୍ଟ୍ରପତି ଡ.କଲାମ ଚାନ୍ଦିପୁରରୁ ବିଶ୍ୱବିଦ୍ୟାଳୟ ଯାଏ ସଡ଼କ ପଥରେ ଆସିବାର ସମ୍ଭାବନା ଅଧିକ ରହିଛି। ସେପରି ସ୍ଥଳେ ସେ ସହଦେବଖୁଣ୍ଟାରୁ ରେମୁଣା ଗୋଲେଇ ଦେଇ ଆସିବେ ନଚେତ୍ ପୁଲିସ ଲାଇନ୍ ଛକରୁ ସମଲପୁର ଦେଇ ଆସିବେ। ସହଦେବଖୁଣ୍ଟାସ୍ଥିତ ବସ୍ଷ୍ଟାଣ୍ଡ ନିକଟରୁ ରେମୁଣା ଗୋଲେଇ ପର୍ଯ୍ୟନ୍ତ ରାସ୍ତା ଚଳନୀୟ ଥିଲେ ହେଁ ରେମୁଣା ଗୋଲେଇ ନିକଟରୁ ବିଶ୍ୱବିଦ୍ୟାଳୟ ଫାଟକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଜାତୀୟ ରାଜପଥରେ କାମ ଚାଲିଥିବାରୁ ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ କେବଳ ଗୋଡ଼ି ଦେଖାଯାଉଛି। ପିଚୁ ପ୍ୟାଚରେ ପରିପର୍ଣ ଏହି ରାସ୍ତା ମଝିରେ ମାଟି ଜମା ହୋଇଥିବାରୁ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ଏହା ସଂପୂର୍ଣ ଅନୁପଯୁକ୍ତ ମନେହେଉଛି। ସେହିପରି ପୁଲିସ ଲାଇନ୍ ଛକଠାରୁ ବାମପଦା/ସମଲପୁର ଦେଇ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଅଣଓସାରିଆ ଏବଂ ଖାଲଖମାରେ ପରିପୂର୍ଣ। ଠିକ୍ ସେହିପରି ଚାନ୍ଦିପୁରସ୍ଥିତ ଆଇଟିଆର୍ ଗଲେ ମଠସାହି ଓ ଭୋଇସାହି ନିକଟରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ ଅବସ୍ଥାରେ ଅଛି। ନିକଟରେ ଉଭୟ ସାହିବାସୀ ଏହାର ପ୍ରତିବାଦ ସ୍ୱରୂପ ଟାୟାର ଜାଳି ଦୁଇଦନ ଧରି ରାସ୍ତାରୋକ କରିଥିଲେ। ସୂଚନାଯୋଗ୍ୟ, ଚଳିତମାସ ଶେଷ ସପ୍ତାହରେ ଭୁବନେଶ୍ୱରଠାରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସକୁ ଉଦ୍‌ଘାଟନ କରିବାକୁ ଆସୁଥିବା ଡ. କଲାମ୍ ବାଲେଶ୍ୱର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

ପୂର୍ବପୃଷ୍ଠା



ମିସ୍ ଆଇସ୍‌ଲାଣ୍ଡ ବିନା ବିଲୟାମ୍‌ସଦୋତିର ମିସ୍ ୱାର୍ଲ୍ଡ ବିବେଚିତ।

### ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୩.୨ | ୨୮.୧ |
| କଟକ | ୧୨.୦ | ୨୮.୧ |
| ବାଲେଶ୍ୱର | ୧୨.୨ | ୨୭.୯ |
| ଗୋପାଳପୁର | ୧୫.୬ | ୨୮.୫ |
| ଝାରସୁଗୁଡ଼ା | ୧୦.୧ | ୨୬.୪ |

### ବିତର୍କ/ମତାମତ ସଂଗ୍ରହ

ଓଡ଼ିଶାରେ ଭାଜପାକୁ ଏକ ନମ୍ବର କରିବା ପାଇଁ ଜୁଏଲଙ୍କ ଆହ୍ୱାନର ସୁଦୂରପ୍ରସାରୀ ରାଜନୈତିକ ଉଦ୍ଦେଶ୍ୟ ଅଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

### ଅନ୍ୟାନ୍ୟ ଖବର

- ସ୍କୁଟର ଦୁର୍ଘଟଣା: ୨ ଜଣଙ୍କ ମୃତ୍ୟୁ
- ତେନ୍ତୁଳି ଗଛରୁ କ୍ଷୀର ଝରୁଛି, ଏଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼
- ପତ୍ନୀକୁ ପତି ଲଣ୍ଡା କଲା
- ଦୁଇଟି ଲଜରେ ଚଢ଼ାଉ, ୨ ଯୁବତୀ, ୩ ଯୁବକ ଗିରଫ
- ସମ୍ବର ଶିକାର କରି ଦୁଇ ଗିରଫ
- ଖପ୍ରାଖୋଲରେ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ହତ୍ୟା, ଆସାମୀ ଗିରଫ
- ଆନନ୍ଦପୁର: ଡାହାଣୀ ସନ୍ଦେହରେ ମହିଳାଙ୍କୁ

ହତ୍ୟା

- ହାତଲେଖାରୁ ମଣିଷକୁ ପଢ଼ିପାରୁଥିବା ଲୋକ
- ହାତୀ ଉପଦ୍ରବ: ଚାଷୀ ସର୍ବସ୍ୱାନ୍ତ ହେଲେଣି, ତଥାପି ପ୍ରଶାସନର ନିଦ ଭାଙ୍ଗୁ ନାହିଁ
- ଓକିଲ-ଅବକାରୀ ପୋଲିସଙ୍କ ମଧ୍ୟରେ ବିବାଦ
- ଚୌଦ୍ୱାରରେ ୪୦ ଫୁଟ ଉଚ୍ଚର ବିଷ୍ଣୁ ମୂର୍ତ୍ତି
- କାଦୁଆ ସରପଞ୍ଚ ଅନାସ୍ଥା ଭୋଟରେ ହାରିଲେ
- ଆନନ୍ଦପୁର: ନାବାଳିକା ଧର୍ଷଣକାରୀକୁ ସାତ ବର୍ଷ ଜେଲ ଦଣ୍ଡାଦେଶ
- ମୃତ ବାର୍ହା, ଗୁରାଣ୍ଡି ଜବତ; ଜଣେ ଗିରଫ

Copyright © 2001 orissasambad.com

Site Developed by : www.wayindia.com